BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan - Feb 2025
Refereed Peer-Reviewed Journal

# ଆଧୁନିକ ଓଡ଼ିଆ କାବ୍ୟ-କବିତାରେ ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି

**ବଶିଷ୍ଠ କୁମାର ବେହେରା**
ଓଡ଼ିଆ ପ୍ରାଧ୍ୟାପକ, ଆନନ୍ଦପୁର ମହାବିଦ୍ୟାଳୟ, କେଉଁଝର

BM2025/01-A003

RECEIVED : 20 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025

ARTICLE QR CODE

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ପ୍ରଫେସର ବଭ୍ରୁବାହନ ମହାପାତ୍ର
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ବାରିପଦା

DOI: 10.70541/BAGEESHA/2025030103

Article No. BM2025/01-A003
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ସାହିତ୍ୟ, ସମୟାନୁସାରି ସାମାଜିକ ଜଳଛବି। ସାହିତ୍ୟର ପଥ ଦେଇ ଆଜି ଆମେ ଆମ ଅତୀତର ଏକ ପ୍ରାରୂପକୁ ଦେଖିବାର ସୁଯୋଗ ଲାଭ କରିପାରୁଛେ। ବାସ୍ତବରେ ସାହିତ୍ୟ କେବଳ ସର୍ଜନାତ୍ମକ କଳାକର୍ମ ନୁହେଁ; ଏହା ଆମ ସାମାଜିକ ଓ ସଂସ୍କୃତିକ ଇତିହାସ ମଧ୍ୟ। ଯାହାକୁ ସାହିତ୍ୟର ମାର୍ଗ ଦେଇ ସ୍ରଷ୍ଟା ଭିନ୍ନ ରୂପରେ ସଂରକ୍ଷଣ ଦିଏ। ଅନୁରୂପ ପ୍ରୟାସ ଆଧୁନିକ ସାହିତ୍ୟର ଏକ ପ୍ରମୁଖ ଦିଗ। ଏଠାରେ ସ୍ପଷ୍ଟ କରିଦିଆ ଯାଇପାରେ ଯେ, ସାହିତ୍ୟରେ ଏହି ଇତିହାସ ବା କିମ୍ବଦନ୍ତୀକୁ ଯଦିଓ ପୂର୍ଣ୍ଣତଃ ଗ୍ରହଣ କରା ନ ଯାଇ ଏହା ସହ ସର୍ଜନା ଯୋଡ଼ି ଦିଆଯାଇଛି। ତଥାପି ଏହାର ଅଧ୍ୟୟନ ଆମ ସାହିତ୍ୟପାଇଁ ଗୌରବର ପରିଚାୟକ।

ମୂଳଶବ୍ଦ: ଆଧୁନିକ, କବିତା, ଓଡ଼ିଆ କବିତା, ଆଧୁନିକ ଓଡ଼ିଆ କବିତା, ଇତିହାସ ଓ କିମ୍ବଦନ୍ତୀ, ସାହିତ୍ୟ, ଜନଶ୍ରୁତି, ଓଡ଼ିଆ କାବ୍ୟ-କବିତା।

**ଉପକ୍ରମ:** ଇତିହାସ ଯାହା ଅତୀତ ଗୌରବର ଗାଥା ବଖାଣେ ଓ ମୂକସାକ୍ଷୀ ରୂପେ କାଳକାଳକୁ ଦଣ୍ଡାୟମାନ ହୋଇ ରହିଥାଏ ତାହାର ଦୃଷ୍ଟାନ୍ତ ସମସ୍ତ ସ୍ରଷ୍ଟାଙ୍କ ଲେଖନୀରେ ପ୍ରମାଣିତ। ଆଧୁନିକ ଓଡ଼ିଆ କବିଙ୍କର କାବ୍ୟ କବିତାରେ ପ୍ରେମ, ବିରହ, ଜାତୀୟତାବୋଧ, ଦେଶପ୍ରୀତି, ଆଧ୍ୟାତ୍ମିକତା, ସାମାଜିକତାର ସ୍ୱର ବହୁ ମାତ୍ରାରେ ପରିଲକ୍ଷିତ। ମାତ୍ର ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନିରେ ଓଡ଼ିଆ କାବ୍ୟ କବିତାରେ ଶୁଣାଯାଏ ନିଆରା ସ୍ୱର ଝଙ୍କାର। ଯେଉଁଥିରେ ଆଧୁନିକ ଓଡ଼ିଆ କବିଙ୍କର ପାରଦର୍ଶିତା ଦର୍ଶାଏ ଅତୀତ ଗୌରବର ଗାଥା ବଖାଣିବାର ସ୍ୱତନ୍ତ୍ର ପ୍ରେମଭାବ। ପାଶ୍ଚାତ୍ୟ ଶୈଳୀର ଅନୁକରଣରେ ହେଉ ଅବା ଓଡ଼ିଆ ସାହିତ୍ୟର ଇତିହାସ ହେଉ କିମ୍ବା ଜନଶ୍ରୁତି ମାଧ୍ୟମରେ କିମ୍ବଦନ୍ତୀର ପ୍ରଚାର ପ୍ରସାର ସବୁଥିରେ ନିଜସ୍ୱ ପ୍ରୟାସକୁ ଅବାଧରେ ଚଳାଇଛନ୍ତି ଆଧୁନିକ ଓଡ଼ିଆ କବିମାନେ ତାଙ୍କ କାବ୍ୟକବିତାରେ। ସ୍ୱକୀୟ ଭାବଧାରାରେ କାବ୍ୟ କବିତାରେ ଇତିହାସ ଓ କିମ୍ବଦନ୍ତୀର ଚିତ୍ର ପ୍ରକାଶ କରିବାରେ ଯେଉଁ କେତେକ କବି ଆଧୁନିକ ଓଡ଼ିଆ କାବ୍ୟ କବିତାକୁ ଋଦ୍ଧିମନ୍ତ କରିଛନ୍ତି ସେମାନଙ୍କ ମଧ୍ୟରେ ରାଧାନାଥ ରାୟ, ନୀଳକଣ୍ଠ ଦାଶ, ଗୋଦାବରୀଶ ମିଶ୍ର, ରାମକୃଷ୍ଣ ସାହୁ, ଗୋପବନ୍ଧୁ ଦାସ ଓ ମାୟାଧର ମାନସିଂହ ଅନ୍ୟତମ। ଏଇଠି ଆମେ ସ୍ପଷ୍ଟ କରିଦେଉଛୁ ଯେ, ଉକ୍ତ ଆଲୋଚନା କେବଳ ରାଧାନାଥ ଓ ସତ୍ୟବାଦୀ ଚେତନାର କେତେକ ପ୍ରମୁଖ କବିଙ୍କ କାବ୍ୟ କବିତା ଆଧାରରେ ପ୍ରସ୍ତୁତ ହୋଇଛି ।

**ବିଷୟର ଆଲୋଚନା:** ନବଚେତନାର ବାର୍ତ୍ତାବହ ରୂପେ ପରିଚିତ ରାଧାନାଥ ରାୟ ବିଶେଷ ଭାବେ ଜଣେ ଯୁଗ ପ୍ରବର୍ତ୍ତକ। ରାଧାନାଥ ରାୟ କବିବର ଭାବେ ପରିଚିତ ହୋଇ ଓଡ଼ିଆ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଅନେକ ସୃଷ୍ଟି ମଧ୍ୟରେ 'ନନ୍ଦିକେଶ୍ୱରୀ' କାବ୍ୟ ଅନ୍ୟତମ। ଯେଉଁଥିରେ ରାଧାନାଥ ଇତିହାସ ଓ କିମ୍ବଦନ୍ତୀକୁ ଗ୍ରହଣ କରିଛନ୍ତି। ବିଦେଶୀ ସାହିତ୍ୟରୁ କଥାବସ୍ତୁ ଗ୍ରହଣ କରିଥିଲେ ହେଁ ଏଥିରେ କବି ମାଦଳାପାଞ୍ଜିର କିମ୍ବଦନ୍ତୀ ଉପରେ ନିର୍ଭର କରିଛନ୍ତି। ଏଠାରେ କାବ୍ୟର ନାୟିକା ଇତିହାସର ଚରିତ୍ର ନ ହେଲେ ମଧ୍ୟ କବିଙ୍କ ବର୍ଣ୍ଣନାରେ ଇତିହାସ ପରି ପ୍ରତୀତ ହୋଇଛନ୍ତି। ସୁବର୍ଣ୍ଣ କେଶରୀ ଶତ୍ରୁ ଥିଲେ ମଧ୍ୟ

କାବ୍ୟ ନାୟିକା ସେଥିପ୍ରତି ଭ୍ରୁକ୍ଷେପ ନ କରି ଚୋଡ଼ଗଙ୍ଗ ଦେବଙ୍କ ବୀରତ୍ୱ ଓ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ। ମାତ୍ର ଚୋଡ଼ଗଙ୍ଗ ଦେବ ନାୟିକା ମନର ଅକୁହା କଥାକୁ ବୁଝିପାରି ନାହାନ୍ତି। ସେହିପରି ରାଧାନାଥଙ୍କ 'ଚିଲିକା' କାବ୍ୟରେ ପ୍ରକୃତି ପ୍ରେମକୁ ଗୁରୁତ୍ୱ ଦେଇଥିଲେ ହେଁ ତା' ଭିତରେ ଉତ୍କଳର ଇତିହାସ ଓ କିମ୍ବଦନ୍ତୀ ଏକାକାର ହୋଇଛି। 'ଚିଲିକା' କାବ୍ୟରେ ସେ ଉତ୍କଳର ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚିଜୟ କରିବା ଓ ରାଜ ଜେମା ପଦ୍ମାବତୀଙ୍କୁ ନେଇ ଚିଲିକା ବାଟ ଦେଇ ଆସିବା ଆଦି ବର୍ଣ୍ଣନା ଇତିହାସକୁ ପୁନର୍ଜୀବିତ କରି ଦେଇଛି। 'ଯଯାତି କେଶରୀ' କାବ୍ୟଟି ଏକ ପ୍ରଣୟ ମୂଳକ ଓ ଶୃଙ୍ଗାର ରସାଶ୍ରିତ କାବ୍ୟ। ଓଡ଼ିଶାର ପ୍ରକୃତି ଓ ଲୋକମୁଖରେ ପ୍ରଚଳିତ କିମ୍ବଦନ୍ତୀ ଅବଲମ୍ବନରେ କବି ଏହାକୁ ରଚନା କରିଛନ୍ତି। ମଗଧର ରାଜପୁତ୍ର ଯଯାତି କେଶରୀ ଓ ଉତ୍କଳର ରାଜକକନ୍ୟା ଏହି କାବ୍ୟର ନାୟକ ଓ ନାୟିକା ଅଟନ୍ତି। ମଗଧ ରାଜାଙ୍କର ପ୍ରଥମା ପତ୍ନୀଙ୍କର ପୁତ୍ର ଓ କନ୍ୟା ବିମାତାର ଅତ୍ୟାଚାରରେ ରାଜ୍ୟ ଛାଡ଼ିଛନ୍ତି। ପୁତ୍ର ଯଯାତିକେଶରୀ ସହିତ କନ୍ୟା ବିମଳା ପୁରୁଷ ବେଶରେ ରହୁଥିଲା। ଉତ୍କଳର ରାଜକନ୍ୟା ଲଳିତା ବିମଳାଙ୍କୁ ପୁରୁଷ ଭାବି ତାଙ୍କ ପ୍ରେମରେ ପଡ଼ିଗଲେ। ପରେ ବିମଳାଙ୍କର ନାରୀତ୍ୱ ଜାଣିପାରି ଅପଦସ୍ତ ହେଲେ। ଏହି ସୁଯୋଗରେ ରାଜପୁତ୍ର ଯଯାତିକେଶରୀ ନାରୀ ବେଶରେ ନିଜକୁ ବିମଳା ବୋଲି ପରିଚୟ ଦେଇ ଲଳିତାଙ୍କ ସହିତ ଗୋପନ ପ୍ରଣୟରେ ଲିପ୍ତ ରହିଲେ। ପରେ ଉତ୍କଳର ରାଜା ଏହା ଜାଣିପାରି ତାଙ୍କୁ ଦଣ୍ଡ ଦେବାକୁ ସ୍ଥିର କରିବାରୁ ସ୍ୱୟଂ ବିରଜଦେବୀ ରାଜାଙ୍କୁ ସ୍ୱପ୍ନରେ ଭୟ ପ୍ରଦର୍ଶନ କଲେ। ଏହା ପରେ ଲଳିତାଙ୍କ ସହିତ ଯଯାତିଙ୍କର ବିବାହ ସମ୍ପନ୍ନ ହୋଇ କାବ୍ୟର ପରିସମାପ୍ତି ଘଟିଛି।

ଇତିହାସର ଭିତ୍ତିଭୂମି ଉପରେ ରଚିତ 'ପାର୍ବତୀ' କାବ୍ୟରେ ମାଦଳାପାଞ୍ଜିର ଗଙ୍ଗେଶ୍ୱର ଦେବଙ୍କ ପାପ ପ୍ରଣୟ ଓ ମହାରାଣୀ ପାର୍ବତୀଙ୍କର ଦୁଇଟି ନାରୀ ରୂପ ପ୍ରକାଶିତ। ପାର୍ବତୀ ମହାରାଣୀ ନାୟିକା ଓ ନାୟକ ହେଉଛନ୍ତି ଉତ୍କଳର ରାଜା ଗଙ୍ଗେଶ୍ୱର ଦେବ। ଭାରତୀୟ ନାରୀର ଆଦର୍ଶରେ ରାଣୀ ପାର୍ବତୀ କନ୍ୟା ପାପ ଶ୍ରବଣ କରି ମଧ୍ୟ ପତ୍ନୀ ରୂପ ତ୍ୟାଗ କରିପାରି ନାହାନ୍ତି। କିନ୍ତୁ ପ୍ରେତାତ୍ମାର ସାକ୍ଷ୍ୟ ପରେ ସେ ମାତୃ ରୂପେ ଅବତୀର୍ଣ୍ଣା ହୋଇଛନ୍ତି। ପତି ଗଙ୍ଗେଶ୍ୱର ତାଙ୍କ ଆଖିରେ ଜଣେ ନରରାକ୍ଷସ ମାତ୍ର। ପାର୍ବତୀଙ୍କ କ୍ଷେତ୍ରରେ ପତ୍ନୀ ରୂପର କ୍ରମ ତିରୋଧାନ ଓ ମାତା ରୂପର କ୍ରମ ଆବିର୍ଭାବ ଭଳି ମୁଖ୍ୟତଃ ଭିନ୍ନ ଦୁଇଟି ରୂପର ସୂତ୍ରପାତ ଘଟିଛି। 'ପାର୍ବତୀ' ତାଙ୍କର ଏକ ଅସମ୍ପୂର୍ଣ୍ଣ କାବ୍ୟ ହେଲେ ହେଁ ଏହା ଇତିହାସର ଭିତ୍ତିଭୂମି ଉପରେ ରଚିତ।

କବି ରାଧାନାଥଙ୍କର 'ଚନ୍ଦ୍ରଭାଗା' ଓ 'କେଦାର ଗୌରୀ' କାବ୍ୟ ପାଶ୍ଚାତ୍ୟ କିମ୍ବଦନ୍ତୀ ଉପରେ ଆଧାରିତ। ଗ୍ରୀସୀୟ କାହାଣୀ "Pyramus and Thisbe" ଅନୁସରଣରେ 'କେଦାରଗୌରୀ' ଓ ଗ୍ରୀକ୍ କାହାଣୀ "Apollo and Saphne"ର ଅନୁସରଣରେ ରଚିତ ହୋଇଛି 'ଚନ୍ଦ୍ରଭାଗା' କାବ୍ୟ। ରାଧାନାଥ ଉଭୟ କାହାଣୀକୁ ଆଧାର କରି ଓ ତାହାକୁ ଓଡ଼ିଶାର କିମ୍ବଦନ୍ତୀ ଓ ବାତାବରଣ ସହିତ ସମନ୍ୱୟ ରକ୍ଷା କରି 'କେଦାର ଗୌରୀ' ଓ 'ଚନ୍ଦ୍ରଭାଗା' କାବ୍ୟ ରଚନା କରିଥିଲେ। ଦୁଇଟି ଯାକ ପ୍ରଣୟ ମୂଳକ କାବ୍ୟ ରାଧାନାଥ ମୁଖ୍ୟତଃ ପ୍ରକୃତି ପ୍ରେମୀ ହେଲେ ହେଁ କାବ୍ୟରେ ଉତ୍କଳର ଇତିହାସ ଓ କିମ୍ବଦନ୍ତୀର ସୁନ୍ଦର ଅବତାରଣା କରି ନିଜ କବି ପ୍ରତିଭାର ଅନନ୍ୟ ଉଦାହରଣ ଦେଇଛନ୍ତି। ସେ ପାଶ୍ଚାତ୍ୟ କାବ୍ୟାଦର୍ଶର ଭିତ୍ତିରେ ଓଡ଼ିଆ କାବ୍ୟ-କବିତାକୁ ଦେଇଛନ୍ତି ନୂତନ ଜୀବନ୍ୟାସ। ସେ ପାଠକ ପ୍ରାଣରେ ତାଙ୍କ କବିତା ମାଧ୍ୟମରେ ଏକ ନୂତନ ରୁଚି ସୃଷ୍ଟି କରିଛନ୍ତି।

ରାଧାନାଥ କାବ୍ୟ ପ୍ରତିଭାର ଜୟଯାତ୍ରା ହିଁ "ମହାଯାତ୍ରା"। ଏହା ମଧ୍ୟ ଏକ ଅସମ୍ପୂର୍ଣ୍ଣ କାବ୍ୟ। ଏହା ପୁରାଣର ପୃଷ୍ଠଭୂମିରେ ରଚିତ ହେଲେ ହେଁ ଏହାର ଆତ୍ମିକ ହେଉଛି ଇତିହାସ, ପୁରାଣ ନୁହେଁ। ତତ୍ ସହିତ ଉତ୍କଳୀୟ କିମ୍ବଦନ୍ତୀ ପ୍ରତି କବିଙ୍କର ପ୍ରଚଣ୍ଡ ମୋହ ଭିତରେ ପ୍ରତିଧ୍ୱନିତ ହୋଇଛି ତାଙ୍କର ଉତ୍କଳୀୟତା। ମହାଯାତ୍ରାର ଗତିପଥରେ କବି ନାନା ପୌରାଣିକ ଓ ଐତିହାସିକ ବର୍ଣ୍ଣନା କରିଛନ୍ତି। ଏଥିରେ ତାଙ୍କର ମୌଳିକତା ଓ ସ୍ୱକୀୟତା ନିହିତ। 'ମହାଯାତ୍ରା'ର ପଞ୍ଚମ ସର୍ଗରେ ମୟୁରଭଞ୍ଜର ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବ ଶାସନର କୀର୍ତ୍ତିଗାନ ସହିତ ଷଷ୍ଠ ସର୍ଗରେ ବାମଣ୍ଡାଧିପତି ସୁଢଳଦେବ ଓ ତାଙ୍କ ପୁତ୍ର ସଚ୍ଚିଦାନନ୍ଦଙ୍କ ସଦ୍‌ଗୁଣାବଳୀ, ଅଗ୍ନିକୁଳ କ୍ଷତ୍ରିୟ ବଂଶୀୟ ପୃଥ୍ୱୀରାଜ ଓ ଜୟଚନ୍ଦ୍ରଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ହୋଇଥିଲା ତାହାର ଭୟାବହତାକୁ ଯୁଧିଷ୍ଠିର ଦେଖିବା ଆଦି ବର୍ଣ୍ଣନା କବିଙ୍କର କାବ୍ୟିକତାକୁ ପ୍ରକାଶ କରିଛି। ଏହାବ୍ୟତୀତ ସପ୍ତମ ସର୍ଗରେ ପୃଥ୍ୱୀରାଜ ଓ ଯବନପତି ମହମ୍ମଦ ଘୋରୀଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ତିରୋରୀ ଯୁଦ୍ଧର ବର୍ଣ୍ଣନା କରାଯାଇଛି। ଯବନବାହିନୀଙ୍କ ସହ ମିଶି ଜୟଚନ୍ଦ୍ରଙ୍କ ସୈନ୍ୟଙ୍କ ଯୁଦ୍ଧ, ପୃଥ୍ୱୀରାଜଙ୍କ ସହିତ ଆର୍ଯ୍ୟପକ୍ଷୀୟ ହୋଇ ଯୁଦ୍ଧ କରିଥିଲେ ଉଡ୍ର ରାଜା ଯଯାତି। ଅନେକ ରାଜା ଏହି ଯୁଦ୍ଧରେ ମୃତାହତ ହେଲେ। ଶେଷରେ ଯବନ ରାଜାଙ୍କର ପୃଥ୍ୱୀରାଜାଙ୍କୁ ସନ୍ଧିପତାକା ପଠାଇବା ପରେ କାବ୍ୟର ପରିସମାପ୍ତି ଘଟାଇଛନ୍ତି ରାଧାନାଥ। ଏଥିରେ ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି ଏକାକାର ହୋଇଛି।

'ମହାଯାତ୍ରା' ମହାକାବ୍ୟରେ କିମ୍ବଦନ୍ତୀ ଅଛି। ସୁକାନ୍ତି ମହର୍ଷିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇଥିଲେ ପତିତପାବନୀ ଗଙ୍ଗା। ପୂର୍ବ ସାଗର ଗାମିନୀ ହୋଇ ମହାନଦୀ ନାମରେ ଗଙ୍ଗା କଳିଯୁଗରେ ତେଣୁ ଉତ୍କଳରେ ହୋଇଛନ୍ତି ପ୍ରବାହିତ। ଯାତ୍ରା ପଥରେ ଯେତେବେଳେ ପ୍ରାଚୀର ସଦୃଶ ମହାଗିରି ଗଙ୍ଗାଙ୍କର ପ୍ରତିରୋଧ କରେ ସେତେବେଳେ ମହର୍ଷିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଇନ୍ଦ୍ର ଗିରି ଅଙ୍ଗରେ ବଜ୍ରପ୍ରହାର କରି ମହାନଦୀର ଯାତ୍ରପଥକୁ ସୁଗମ କରିଦେଲେ। କବିଙ୍କର ଭାଷାରେ- "ଛେଦ ଏ ଶଇଲ ବଜ୍ରୀ ରଚିଲେ କୌଶଳେ/ ଉତ୍କଳର ମୁକ୍ତି ଦ୍ୱାରା ରୂପୀ ଏ ତୋରଣ/ ସପ୍ତକୋଶ ବ୍ୟାପି।"

ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି, ପ୍ରତିଧ୍ୱନିତ ହୋଇଛି କବି ନୀଳକଣ୍ଠ ଦାଶଙ୍କ କାବ୍ୟ କବିତାରେ। ଜାତୀୟତାଭାବ ପ୍ରକାଶ କରିବା ସହିତ ଇତିହାସ ଓ କିମ୍ବଦନ୍ତୀକୁ ଆଶ୍ରୟ

ଦେଇଛନ୍ତି ତାଙ୍କ ବର୍ଣ୍ଣନାରେ। ନୀଳକଣ୍ଠଙ୍କର 'କୋଣାର୍କେ' କାବ୍ୟ ଯାହା ଐତିହାସିକ କାବ୍ୟ ନହେଲେ ହେଁ ଇତିହାସକୁ ଅବଲମ୍ବନ କରି ରଚିତ ହୋଇଛି। ଏହି କାବ୍ୟର ପ୍ରଥମ ଭାଗରେ 'ରାମଚଣ୍ଡୀରେ ରାତି ଓ ସକାଳ' ଏବଂ ଦ୍ୱିତୀୟ ଭାଗରେ 'ମାୟାଦେବୀ ପ୍ରସଙ୍ଗ ବର୍ଣ୍ଣିତ'।

'କୋଣାର୍କେ' କାବ୍ୟରେ କୋଣାର୍କର ସ୍ମୃତିପରେ କବି ଓଡ଼ିଆ ବୋଇତ, ରାମଚଣ୍ଡୀର କିମ୍ବଦନ୍ତୀ, ଚନ୍ଦ୍ରଭାଗା ଓ କୋଣାର୍କର ଐତିହ୍ୟ, ଯଯାତି କେଶରୀଙ୍କ ପୂଣ୍ୟକୀର୍ତ୍ତି, ତୋଷାଳି ନଗରୀର ବୈଶିଷ୍ଟ୍ୟ, ବାରବାଟୀ ଦୁର୍ଗର ଐତିହ୍ୟ, ଐର ଖାରବେଳଙ୍କ ଦିଗ୍‌ବିଜୟ, ରକ୍ତବାହୁର ଧ୍ୱଂସ, କେଦାରଗୌରୀ ଉପାଖ୍ୟାନ ଓ ନନ୍ଦିକା କଥା, ମୁକୁନ୍ଦଦେବଙ୍କ ବୀରତ୍ୱ ଓ ତ୍ରିବେଣୀ ଘାଟରେ ତପସ୍ୟା ପ୍ରସଙ୍ଗ, କଳାପାହାଡ଼ର ଓଡ଼ିଶା ଆକ୍ରମଣ, ପାଇକଙ୍କ ଆତ୍ମୋତ୍ସର୍ଗ, ମର୍କତ କେଶରୀଙ୍କ କୀର୍ତ୍ତି, ଗଜପତି ମାନଙ୍କର ଯୁଦ୍ଧ ବୈଭବ ଆଦିରେ କାବ୍ୟଟି ସମୁଜ୍ଜ୍ୱଳ।

ଏହାପରେ ତାଙ୍କର 'ମାୟାଦେବୀ' ପ୍ରସଙ୍ଗ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଗରିବ କନ୍ୟା ମାୟାଦେବୀ ଓ ରାଜକୁମାର ନରସିଂହ ଦେବଙ୍କ ପ୍ରଣୟ କାହାଣୀ ଆଧାରରେ କୋଣାର୍କ ମନ୍ଦିର ବେଢ଼ାରେ ମାୟାଦେବୀ ମନ୍ଦିର ନିର୍ମାଣ ଜନଶ୍ରୁତିକୁ ଢେଙ୍କାନାଳର ଭାପୁର ଡାକବଙ୍ଗଳାରେ କବି ଜଣେ ଭାଟ ମୁଖରୁ ଶୁଣିଛନ୍ତି। ନରସିଂହ ଦେବଙ୍କ ବୀରତ୍ୱ ଓ ଶିଶୁପାଳ ଗଡ଼ର ମାନସୀ କନ୍ୟା ମାୟାଦେବୀ ଏବଂ ଜମ୍ବୁ ରାଜଜେମା ଆଦିଙ୍କର କାହାଣୀରେ 'ମାୟାଦେବୀ' ଗଢ଼ିଉଠିଛି। ଏଥିରେ ଜନଶ୍ରୁତି ଓ କଳ୍ପନାର ଅପୂର୍ବ ବିନ୍ୟାସ ଘଟିଛି। ତେଣୁ ଅଭିଶାପ ବଳରେ ଦେବଦେବୀଙ୍କର ମର୍ତ୍ତ୍ୟରେ ଜନ୍ମନେବା, ମୃତ ଶରୀର ଜୀବନ୍ତ ହୋଇ ଉଠିବା ପରି ନାନା ଘଟଣା ଏଥିରେ କବି ଉପସ୍ଥାପିତ କରିଛନ୍ତି। ତେଣୁ କିମ୍ବଦନ୍ତୀ ମଧ୍ୟ ଜୀବନ୍ତ ହୋଇଉଠିଛି କାବ୍ୟରେ।

କବି ନୀଳକଣ୍ଠଙ୍କର ଐତିହାସିକ କାବ୍ୟଭାବେ ଗୃହୀତ ହୁଏ ତାଙ୍କର 'ଖାରବେଳ' କାବ୍ୟ। ଏଥିରେ ମହା ମେଘବାହନ ଐରଖାରବେଳଙ୍କ ଦିଗ୍‌ବିଜୟ ଓ ବୀରତ୍ୱର କାହାଣୀ ବର୍ଣ୍ଣିତ। ଏହା ଏକ ମୌଳିକ କାବ୍ୟ। କିମ୍ବଦନ୍ତୀ ମଧ୍ୟ ଆଶ୍ରିତ ହୋଇଛି ଏହି କାବ୍ୟରେ। ସିନ୍ଧୁଦେଶ ବିରୋଧରେ ଖାରବେଳ ଯୁଦ୍ଧ ଅଭିଯାନରେ ଯାଇ ଆଫଗାନୀସ୍ଥାନର ପୂର୍ବ-ବଜିର ରାଜ୍ୟରେ ଗ୍ରୀକ୍ ବୀର ଡିମେଟ୍ରିୟସ୍‌ଙ୍କ ସହିତ ପ୍ରବଳ ସମରରେ ଅବତୀର୍ଣ୍ଣ ହୋଇଥିଲେ। ଏହି ଯୁଦ୍ଧରେ କପଟ ଆଚରଣ କରି ଡିମେଟ୍ରିୟସ୍ ଖାରବେଳଙ୍କୁ ଆହତ କରିଥିଲେ। ଇତ୍ୟବସରରେ ବଜିର ପୂର୍ବତନ ଶାସକଙ୍କ କନ୍ୟା କୃଷକ ରାଜାଙ୍କ ଦ୍ୱାରା ପାଳିତା ହୋଇ ପୁରୁଷ ବେଶରେ ଯୁଦ୍ଧରେ ନିୟୋଜିତ ହୋଇଥିଲେ। ଖାରବେଳଙ୍କୁ ସେହି କନ୍ୟା ଧୃସି ଯୁଦ୍ଧରେ ସାହାଯ୍ୟ ମଧ୍ୟ କରିଥିଲେ। ଆହତ ଖାରବେଳଙ୍କର ସେବା କରି ସୁସ୍ଥ କଲାପରେ ଛଦ୍ମବେଶୀ କନ୍ୟା ଧୃସିର ପରିଚୟ ପାଇ ତୃପ୍ତ ହୋଇଥିଲେ। ଧୃସିର ପ୍ରେମରେ ପଡ଼ି ଯାଇଥିଲେ। କାବ୍ୟଟି ଖାରବେଳ ଓ ଧୃସିଙ୍କ ପ୍ରଣୟରେ ରସସିକ୍ତ ହୋଇଥିଲେ ହେଁ ଇତିହାସ ଓ କିମ୍ବଦନ୍ତୀ ଏକାକାର ହୋଇଛି। କବିଙ୍କ ଭାଷାରେ - "ଭାରତେ ସେ ସୁଦିନ ଫେରିବ କାହିଁ/ ବୁଦ୍ଧି ପରଶେ ଯେବେ ମୋହିଲେ ମହୀ/ ଖଡ଼୍‌ଗେ ଦିଶୁଥିଲା ଅହିଂସା ଧୀର/ ଇନ୍ଦ୍ରଜିଣି ଜଣେ ହୋଇଲେ ବୀର।"

ସତ୍ୟବାଦୀ ଯୁଗର ପ୍ରତିଷ୍ଠାତା ଓ କ୍ରାନ୍ତିକାରୀ ସାହିତ୍ୟିକ ଭାବେ ପ୍ରତିଟି ଓଡ଼ିଶାବାସୀଙ୍କ ପ୍ରାଣରେ ଅମର ଆତ୍ମାଭାବେ ଜୀବିତ ହୋଇ ରହିଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର 'ଧର୍ମପଦ' କାବ୍ୟ ଏକ ଗାଥାକାବ୍ୟ। 'କିମ୍ବଦନ୍ତୀ' ଏଥିରେ ସନ୍ନିହିତ। ଇତିହାସ ମଧ୍ୟ ରହିଛି ଏହି କାବ୍ୟରେ। ବାରଶହ ବଢ଼େଇ, ବିଶୁ ମହାରଣା, କୋଣାର୍କ, ନରସିଂହ ଦେବ ରାଜା ଏବଂ ଧର୍ମପଦର କାହାଣୀ ଏଥିରେ ବର୍ଣ୍ଣିତ। କୋଣାର୍କ ମନ୍ଦିର ଗଢ଼ା ସରିଥିଲେ ମଧ୍ୟ ଦଧିନଉତି ବସି ପାରୁନଥିଲା। ବାରବର୍ଷ ବିତିଗଲା। ରାତି ପାହିଲେ ବାରଶହ ବଢ଼େଇଙ୍କ ମୁଣ୍ଡ କାଟ ହେବ। ଧର୍ମପଦ କିନ୍ତୁ ସେହି ଭାର ନେଇ ଦଧିନଉତି ବସାଇଲା। ଶେଷରେ ମୃତ୍ୟୁବରଣ କଲା। ମାତ୍ର ଇତିହାସ ଆଜି ମୂକସାକ୍ଷୀ ହୋଇ ତାହାର ପ୍ରମାଣ ଦେଉଛି।

ଏହି ଯୁଗୀୟ ସାହିତ୍ୟ ସ୍ରଷ୍ଟାଭାବେ ପ୍ରତିଭାତ ହୋଇଥିବା ଜଣେ ସୁଯୋଗ୍ୟ ବିଦ୍ୱାଣି ହେଲେ ପଣ୍ଡିତ ଗୋଦାବରୀଶ ମିଶ୍ର। 'ଆଲେଖିକା' ହେଉଛି ତାଙ୍କର ଏକ ଗାଥା କବିତା ସଂକଳନ। ଦଶଟି କବିତା ଏଥିରେ ସଙ୍କଳିତ। କବିତା ଗୁଡ଼ିକ ଭିତରେ 'ଅଭିରାମ ସିଂହ', 'ପଦ୍ମାବତୀ', 'ବିକ୍ରମ ସିଂହ', 'ଅର୍ଜୁନ ସିଂହ', 'କାଳଜାଈ', 'ମାମୁଁ ଭଣଜା', 'କଳା ପାହାଡ଼', 'ସାକ୍ଷୀ ଗୋପାଳ', 'ଦୁଃଖୀଧନ' ଏବଂ 'ଗାଳମାଧବ'। ଐତିହାସିକ ଚରିତ୍ର ଓ କିମ୍ବଦନ୍ତୀ ଭିତ୍ତିରେ କବିତା ଗୁଡ଼ିକ ଜୀବନ୍ତ ହୋଇଛି। କବିଙ୍କ ବର୍ଣ୍ଣନାରେ - ଆମ ଘର ଏହି ଓଡ଼ିଆ ରାଇଜେ/ ଫିରିଙ୍ଗି ତହିଁରେ ରାଜା/ ଗୋରା ଦଶ ଜଣେ ରାଇଜ ଚାଲେରେ/ କୋଟିଏ ହେବ ପରଜା/ ଆଜି ସିନା ଦେଶ ହୀନ ହୋଇଗଲା/ ବଳ ବୁଦ୍ଧି କଉଶଳେ/ କେତେ ଖ୍ୟାତି ଆହା କାଳିଟି ପୂରିଲେ/ ଅରଜି ଥିଲା ମହୀରେ।/ ପାଞ୍ଚ ଶହ ବରଷୁ ଊଣା ହେବ/ ଫିରିଙ୍ଗି ନଥିଲା ଆସି/ ସେତେବେଳେ ଥିଲେ ଓଡ଼ିଆ ରାଜା ଲୋ/ ଓଡ଼ିଆ ରାଇଜ ବାସୀ।" (ପଦ୍ମାବତୀ)

କିମ୍ବଦନ୍ତୀ ଆଧାରିତ କାଳିଜାଈ କବିତାଟି ବେଶ୍ ହୃଦୟସ୍ପର୍ଶୀ। କନ୍ୟା ଜାଈ ଶାଶୂ ଘରକୁ ଯିବା ପଥରେ ଚିଲିକା ଅତିକ୍ରମ କରିବା ଏବଂ ଚିଲିକା ଗର୍ଭରେ ଡଙ୍ଗା ବୁଡ଼ିଯାଇ କନ୍ୟାର ମୃତ୍ୟୁ ଘଟି ବିୟୋଗାନ୍ତକ ପରିଣତିରେ ଫୁଟି ଉଠିଥିବା କିମ୍ବଦନ୍ତୀ ଅତ୍ୟନ୍ତ ଚିତାକର୍ଷକ। ଶେଷରେ 'କାଳିଯାଈ' ପର୍ବତରେ ପ୍ରତ୍ୟକ୍ଷ ଦେବୀ ରୂପେ ଉଭା ହେବା ଘଟଣା କବିଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି। କବିଙ୍କ ବର୍ଣ୍ଣନାରେ- "କାଳିଜାଈ ବଡ଼ ପ୍ରତ୍ୟକ୍ଷ ଦେବତା/ କୋଟି କୋଟି ଦଣ୍ଡବତ/ ପାହାଡ଼ର ନାଆଁ ରାଇଜେ ଖ୍ୟାତ ଲୋ/ କାଳିଜାଈ ପରବତ।" (କାଳିଜାଈ)

'ଦୁଃଖୀଧନ' କବିତାରେ ଦଳ ବେହେରା ଓ ବେହେରାଣୀର ପୁତ୍ର ଦୁଃଖୀଧନର ବୀରତ୍ୱକୁ ନେଇ ଇତିହାସ ଓ କିମ୍ବଦନ୍ତୀ ପ୍ରତିଫଳିତ। କବିଙ୍କ ଭାଷାରେ- ହେଲେ ଦୁଃଖୀଧନ ରାଇଜର ମାନ/ ରଖି ଏକା ଗଲା ହାତେ/ ଗଡ଼ ଦ୍ୱାର ଡେଇ ପଶି ସେ

ଅରିଲୋ/ ସବୁ ସରିଥିଲା ସତେ। (ଦୁଃଖୀଧନ)

'ଅଭିରାମ ସିଂହ' କବିତାରେ ମଧ ଇତିହାସ ଓ କିମ୍ବଦନ୍ତୀର ଚିତ୍ର ପ୍ରତିଫଳିତ। କବିଙ୍କ ଭାଷାରେ- ବଇରୀ ମୋ ରାଜ୍ୟ ନ ରହିବ ମାଆ/ ଏ ଜୀବନ ଥାଇ/ ରହ ଏଥି ଏକା ଯାଉଛି ମୁହିଁ ଗୋ/ ଭାଙ୍ଗିବି ବଢ଼ାଇ ଦାଉ। (ଅଭିରାମ ସିଂହ)

ରାଧାନାଥଙ୍କ ଘନିଷ୍ଠ ବନ୍ଧୁ ଡାକ୍ତର ରାମକୃଷ୍ଣ ସାହୁ ତାଙ୍କଠାରୁ ପ୍ରେରଣା ପାଇ 'କେଦାରଗୌରୀ' କାବ୍ୟ ଆଧାରରେ ରଚନା କରିଥିଲେ 'ସୁଲୋଚନା' କାବ୍ୟ। ମାତ୍ର କିମ୍ବଦନ୍ତୀକୁ ଆଧାର କରି ରଚନା କରିଥିଲେ 'ଲକ୍ଷ୍ମୀ' କାବ୍ୟ। ସତ୍ୟବାଦୀର ସାକ୍ଷୀଗୋପଳ ଓ ଦ୍ୱିଜକନ୍ୟା ଲକ୍ଷ୍ମୀ କିମ୍ବଦନ୍ତୀକୁ ଆଧାର କରି ସେ କାବ୍ୟକୁ ଜୀବନ୍ତ କରିଛନ୍ତି। ଏହା ବ୍ୟତୀତ ବାସୁଦେବ ସୁଢ଼ଳଦେବଙ୍କ 'ଚିତ୍ରୋତ୍ପଳା' ଓ 'ବୀରବୀମା' ଅସମ୍ପୂର୍ଣ୍ଣ କାବ୍ୟ ହେଲେ ହେଁ ଇତିହାସ ସମ୍ବଳିତ ଅଟେ। କବିଙ୍କ ଭାଷାରେ- ଉଦାର ହୃଦୟା ଚିତ୍ରୋତ୍ପଳା ନିଜ ସପତ୍ନୀ ମାନଙ୍କୁ ଧରି/ ସ୍ୱପତି ଜଳଧି ପାଶକୁ ଯାଉଛି ଦ୍ୱେଷଭାବ ପରିହରି। (ଚିତ୍ରୋତ୍ପଳା)

କିମ୍ବଦନ୍ତୀର ପଦଧ୍ୱନିର ଝଙ୍କାରରେ ଝଙ୍କୃତ ହୋଇଥିବା କାବ୍ୟଗୁଡ଼ିକ ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'କୀଚକ ବଧ' ଅନ୍ୟତମ। ସଂସ୍କୃତ ମହାଭାରତ ଓ ସାରଳା ମହାଭାରତ ବିରାଟ ପର୍ବ ଅନ୍ତର୍ଗତ କୀଚକ ବଧ ପ୍ରସଙ୍ଗ ହିଁ ଏହି କାବ୍ୟର ବିଷୟବସ୍ତୁ। ସାତଟି ସର୍ଗ ବିଶିଷ୍ଟ ଏହି କାବ୍ୟ ପୌରାଣିକ କିମ୍ବଦନ୍ତୀ ଉପରେ ଆଧାରିତ। ଏହା ବ୍ୟତୀତ ତାଙ୍କର 'ଉତ୍କଳ ଲକ୍ଷ୍ମୀ' କାବ୍ୟରେ ଉତ୍କଳର ଐତିହ୍ୟ, ଇତିହାସ ଆଦି ସନ୍ନିହିତ। ବିଭିନ୍ନ ଦେବାଦେବୀ ମନ୍ଦିର ସହିତ ଲଲାଟେନ୍ଦୁ କେଶରୀ, ଲାଙ୍ଗୁଡ଼ା ନରସିଂହ ଦେବ, ଅନଙ୍ଗଭୀମ ଦେବ, ଯଯାତି କେଶରୀ, ଚୋଡ଼ଗଙ୍ଗ ଦେବ, ପୁରୁଷୋତ୍ତମ ଦେବ, ପଦ୍ମାବତୀ, ପାର୍ବତୀ, ନନ୍ଦିକା, କୌଶଲ୍ୟା ପ୍ରଭୃତି ଇତିହାସର ଚରିତ୍ର ଏହି କାବ୍ୟରେ ଜୀବନ୍ତ ହୋଇଉଠିଛି।

ରୂପ ସୌନ୍ଦର୍ଯ୍ୟର କବି ମାୟାଧର ମାନସିହ ମଧ ଇତିହାସ ଓ କିମ୍ବଦନ୍ତୀକୁ କାବ୍ୟରେ ସ୍ଥାନିତ କରିବାର ଅବସର ଛାଡ଼ି ନାହାଁନ୍ତି। ଅତୀତ ଉତ୍କଳର ଇତିହାସ ଓ ରୂପକଥାକୁ ସମ୍ବଳ କରି ମାନସିଂହ କାବ୍ୟରେ ସାଧବ ଝିଅ ଓ ସାଧବ ପୁଅଙ୍କ ପ୍ରେମକୁ ଅମର କରିବା ପାଇଁ ବିଭିନ୍ନ ଘଟଣା ଓ ସଂଘର୍ଷମାନ ଉପସ୍ଥାପିତ କରିଛନ୍ତି। 'ସାଧବ ଝିଅ' କାବ୍ୟଟି ଉତ୍କଳ ଇତିହାସର ଗାଥା ବର୍ଣ୍ଣନାରେ ରସସିକ୍ତ।

ଏହା ବ୍ୟତୀତ ମାନସିଂହଙ୍କ 'ବାରବାଟୀ' ଓ 'କୋଣାର୍କ' କବିତାରେ ଇତିହାସ ପ୍ରସିଦ୍ଧ କୋଣାର୍କ ମନ୍ଦିର ଓ ବାରବାଟୀ ଦୁର୍ଗର ମହିମାଗାନରେ ଶତମୁଖ ହୋଇ ଉଠିଛନ୍ତି। କବିଙ୍କ ବର୍ଣ୍ଣନାରେ- "ମହିମାର ଶୁରତାର ଇତିହାସ ଶିରେ/ ରାଜଟୀକା ସମ/ ନମସ୍ୟ ପରମ/ ତୁମେ ତୁଙ୍ଗ ବାରବାଟୀ ବୀରରକ୍ତ ମାଂସରେ ଗଠିତ/ ଅତୀତର ବକ୍ଷ ପରେ, ଏ ଜାତିର ଜୟସ୍ତମ୍ଭ ପରି/ ଦର୍ପ ଭରେ ମଥାଟେକି କରି/ ବିଜୟ ପତାକା ତବ ଚିରୋଜ୍ୱଳ ଚିର ଉନ୍ନମିତା।" (ବାରବାଟୀ)

ମାନସିଂହଙ୍କ 'ପୂଜାରିଣୀ' କାବ୍ୟଟି ଜନଶ୍ରୁତି ଉପରେ ଆଧାରିତ। କଳ୍ପନା ଓ କିମ୍ବଦନ୍ତୀର ଏକ ମଧୁର ସମନ୍ୱୟ ଘଟିଛି ଏହି କାବ୍ୟରେ। କିମ୍ବଦନ୍ତୀ ଅଛି ଯେ ସତ୍ୟବାଦୀର ସାକ୍ଷୀ ଗୋପାଳ ସେଇ ଗ୍ରାମର ଜନୈକ ବ୍ରାହ୍ମଣର ସୁନ୍ଦରୀ କନ୍ୟା ଲକ୍ଷ୍ମୀର ପ୍ରେମରେ ଆକୃଷ୍ଟ ହୋଇଛନ୍ତି। ପଣ୍ଡାମାନେ ଅନେକ ସମୟରେ ଦେବତାଙ୍କର ବେଣୁ ଲକ୍ଷ୍ମୀର ଗୃହରେ ପାଇଛନ୍ତି। ଏହି ଭଳି କେତେ ସଂକେତରୁ ଦେଉଳର କର୍ତ୍ତୃପକ୍ଷ ଦେବତାଙ୍କୁ ରାଧା-ବିରହିତ ଭାବି ରାଧାଙ୍କର ସ୍ୱର୍ଣ୍ଣ ପ୍ରତିମା ଗଢ଼ାଇବାକୁ ଲାଗିଛନ୍ତି। ପ୍ରତିମା ଆରମ୍ଭ ଦିନରୁ ଲକ୍ଷ୍ମୀର ଜ୍ୱର ହୋଇଛି ଓ ପ୍ରତିମା ସମ୍ପୂର୍ଣ୍ଣ ହେବା ମାତ୍ରକେ ଲକ୍ଷ୍ମୀର ମୃତ୍ୟୁ ହୋଇଛି। ଉକ୍ତ ପ୍ରତିମା ବର୍ତ୍ତମାନ ସାକ୍ଷୀଗୋପାଳଙ୍କର ସଖୀ ରୂପେ ପାର୍ଶ୍ୱମଣ୍ଡନ କରୁଛନ୍ତି। ଯାହା କବି ମାୟାଧର ମାନସିଂହ ଅତି ସୁନ୍ଦରଭାବେ ବର୍ଣ୍ଣନା କରିଛନ୍ତି 'ପୂଜାରିଣୀ' କାବ୍ୟରେ। କବିଙ୍କ ବର୍ଣ୍ଣନାରେ- "ଦେଖିଲି ପ୍ରଥମେ/ ଯେବେ ହେ ମନ୍ଦିରେ ତବ ମୂରତୀରେ, ତୁମେ/ ଲାଗିଲ ଯେପରି ମୋ ଚିହ୍ନାଲୋକ ପରି/ ହୋଇଅଛି ପରିଚୟ ବହୁ ଦିନ ଧରି,/ ବହୁ ଦିନର ବନ୍ଧୁ। ହୋଇ ନାହିଁ କଥା/ ବହୁ ଦିନ, ତେଣୁ ଦେଖି ଉଠିଲା ମମତା/ ସହସା ଉଭଳ ହୋଇ।" (ପୂଜାରିଣୀ)

**ଉପସଂହାର:** ଓଡ଼ିଆ କବିଙ୍କର କାବ୍ୟ କବିତାରେ ଇତିହାସ ଓ କିମ୍ବଦନ୍ତୀର ପଦଧ୍ୱନି ଯେଉଁଭଳି ଝଙ୍କାରିତ ହୋଇ ଅଛି ସେଥିରୁ ସେମାନଙ୍କର ଐତିହାସିକ ଦୃଷ୍ଟିକୋଣ ଓ ଅଲୌକିକତା ପ୍ରତି ଆବେଗମୟ ଭାବନା ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କରେ। ଇତିହାସର ଘଟଣା ଅତୀତ ହେଲେ ହେଁ ତାକୁ କାବ୍ୟରେ ପ୍ରକାଶ କରି ଜୀବନ୍ତ ରୂପ ପ୍ରଦାନ କରିଛନ୍ତି ଓ କିମ୍ବଦନ୍ତୀ ମାଧ୍ୟମରେ ସୁନ୍ଦର କାହାଣୀର ଅବତାରଣା କରି କାବ୍ୟକୁ ଗତିମୁଖର କରିଛନ୍ତି ଓଡ଼ିଆ କବିମାନେ।

## ସହାୟକ ଗ୍ରନ୍ଥ ସୂଚୀ:


୧. ଦେବେନ୍ଦ୍ର, ମହାନ୍ତି। ୧୯୭୧। ଯୁଗଜ୍ୟୋତି ରାଧାନାଥ। କଟକ: ଫ୍ରେଣ୍ଡସ ପବ୍ଲିସର୍ଶ।

୨. ସାମଲ, ବୈଷ୍ଣବ ଚରଣ। ୨୦୧୩। ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ। ଚତୁର୍ଥ ସଂସ୍କରଣ। କଟକ: ଫ୍ରେଣ୍ଡସ ପବ୍ଲିସର୍ଶ।

୩. ଶତପଥୀ, ନିତ୍ୟାନନ୍ଦ। ୧୯୮୫। ସବୁଜରୁ ସାମ୍ପ୍ରତିକ। ଦ୍ୱିତୀୟ ସଂସ୍କରଣ। କଟକ: ଗ୍ରନ୍ଥମନ୍ଦିର।

୪. ମହନୀ, ପ୍ରଦ୍ୟୁମ୍ନ କୁମାର। ୧୯୬୭। ରାଧାନାଥ ସ୍ମରଣିକା। ବାଲେଶ୍ୱର: ବିଶ୍ୱଶ୍ରୀ ପ୍ରେସ୍।

୫. ବିଶ୍ୱାଳ, ମହାପାତ୍ର ମନୋରମା।୧୯୯୨। ଡ. ମାୟାଧର ମାନସିଂହଙ୍କ କାବ୍ୟକୀର୍ତ୍ତି। କଟକ: ଓଡ଼ିଶା ବୁକ୍ ଷ୍ଟୋର୍।

୬. ଜେନା, ମୁରାରୀ ମୋହନ। ୧୯୫୭। ଗୋଦାବରୀଶ ସ୍ମରଣିକା। କଟକ: ଦାସରଥୀ ପ୍ରେସ୍।

୭. ଶତପଥୀ, ନିତ୍ୟାନନ୍ଦ। ୧୯୬୭। ଗୋପବନ୍ଧୁ ପରିକ୍ରମା। କଟକ: ପୂଜ୍ୟପୂଜା ସାହିତ୍ୟ ସଂସଦ।

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

## About the Licenses

© **Bashista Kumara Behera 2025**. The text of this article is open access and licensed under a Creative Commons Attribution 4.0 International License

## Cite this Article :

Behera, Bashista Kumara, Adhunika Odia Kaabya -Kabitaare Itihasa o Kimbadantira Padadhwani, Bageesha, Vol. No. 03, Issue No. 01, January-February 2025, Article No: BM2025/01-A003| Page- 23-27| DOI: https://doi.org/10.70541/BAGEESHA/2025030103